# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 07 December – 2025

*********************************

## ମୁଖ୍ୟ ସମ୍ବାଦ

- କେନ୍ଦୁଝର ଜିଲ୍ଲାକୁ ଇସ୍ପାତ ନଗରୀରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର, କହିଲେ ମୁଖ୍ୟମନ୍ତ୍ରୀ

— ଘଟଗାଁ ମା' ତାରିଣୀ ପୀଠ ସମନ୍ୱିତ ବିକାଶ ପାଇଁ ୩୧୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପର କଲେ ଭିତ୍ତିପ୍ରସ୍ତର ସ୍ଥାପନ

- ଦେଶମାତୃକା ଏବଂ ସୁରକ୍ଷା ପାଇଁ ପ୍ରତିରକ୍ଷା କର୍ମଚାରୀଙ୍କ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇ ଆଜି ପାଳନ କରାଯାଉଛି ସଶସ୍ତ୍ରବାହିନୀ ପତାକା ଦିବସ

- 'ସହଭାଗିତା' ବିଷୟବସ୍ତୁ ଉପରେ ପୁରୀଠାରେ ଆୟୋଜିତ ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀରେ ହେଲା ଆଲୋଚନା

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ବାରବାଟୀ ଟି-ଟ୍ୱେଣ୍ଟି କ୍ରିକେଟ ମ୍ୟାଚ୍ ପାଇଁ ପ୍ରସ୍ତୁତି ଚୂଡାନ୍ତ; ଅପରାହ୍ଣରେ ପହଞ୍ଚିବେ ସମସ୍ତ ଖେଳାଳି

## ସ୍କୁଲ-ଶିକ୍ଷା ସେତୁ

ରାଜ୍ୟର ୬ ହଜାର ୫୬୮ଟି ହାଇସ୍କୁଲର ରୂପାନ୍ତରୀକରଣ ପାଇଁ ୩ ହଜାର ୮୮ କୋଟି ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏତଦ୍‌ବ୍ୟତୀତ ପଞ୍ଚସଖା ଶିକ୍ଷା ସେତୁ ଅନୁଷ୍ଠାନ ମାଧ୍ୟମରେ ସ୍କୁଲଗୁଡ଼ିକର ଉନ୍ନତୀ କରାଯାଉଛି। ସଦସ୍ୟ ସିଦ୍ଧାନ୍ତ ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀ-ଘଟଗାଁ

କେନ୍ଦୁଝର ଜିଲ୍ଲାକୁ ଇସ୍ପାତ ନଗରୀରେ ପରିଣତ କରି ଶିଳ୍ପସମୃଦ୍ଧ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ଦିନିକିଆ କେନ୍ଦୁଝର ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ଘଟଗାଁ ସ୍ଥିତ ମା' ତାରିଣୀ ପୀଠ ସମନ୍ୱିତ ବିକାଶ ପ୍ରକଳ୍ପ ପାଇଁ ୩୧୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦୁଝର, ବଡବିଲ୍ ଓ ଯୋଡା ଅଞ୍ଚଳକୁ ନେଇ ଏକ ଅର୍ଥନୈତିକ କରିଡର ଗଠନ କରାଯାଇଛି। ବଡବିଲ ସହରରେ ୨ ହଜାର ୩୦୦ କୋଟି ଟଙ୍କା ବ୍ୟୟରେ ରିଂ-ରୋଡ ନିର୍ମାଣ ପ୍ରକଳ୍ପକୁ କେନ୍ଦ୍ରୀୟ ସ୍ୱିକୃତୀ ପାଇଁ ପଠାଯାଇଛି। ଜିଲ୍ଲାର ଅର୍ଥନୈତିକ ପ୍ରଗତୀ ସହ ପ୍ରତ୍ୟେକ ରାସ୍ତାକୁ ୬ ଥାକିଆ ଏବଂ କେନ୍ଦୁଝର-ବଡବିଲ୍ ରାସ୍ତାକୁ ୮ ଥାକିଆ ବିଶିଷ୍ଟ କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।

**- V/O -(CM)**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯାତ୍ରୀମାନଙ୍କର ସୁବିଧା ପାଇଁ ଉତ୍ତମ ପାର୍କିଂ ବ୍ୟବସ୍ଥା, ନିରନ୍ତର ଜଳଯୋଗାଣ, ବିଦ୍ୟୁତ ଓ ଆଲୋକୀକରଣ, ଡ୍ରେନେଜ୍ ସୁବିଧା, ମନ୍ଦିର ପ୍ରାଚୀର ନିର୍ମାଣ, ଆଲୋକ ଓ ଧ୍ୱନି ବ୍ୟବସ୍ଥା ସହ ମନ୍ଦିର ନିକଟସ୍ଥ ପୁଷ୍କରିଣୀଗୁଡ଼ିକର ବିକାଶ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଏତଦ୍‌ବ୍ୟତୀତ ଏହି ପ୍ରକଳ୍ପରେ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ୫୦୦ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା, ନଡ଼ିଆ କେନ୍ଦ୍ର ଓ ବ୍ୟାଖ୍ୟାନ କେନ୍ଦ୍ର, ଖାଦ୍ୟ ପ୍ରାଙ୍ଗଣ ଓ ୱାଚ୍ ଟାୱାର ନିର୍ମାଣ କରାଯିବ । କାର୍ଯ୍ୟକ୍ରମରେ ଆଇନ୍ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ଅନନ୍ତ ନାୟକ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଅଛନ୍ତି।

# ସଶସ୍ତ୍ରବାହିନୀ ପତକା ଦିବସ

ଦେଶ ମାତୃକା ଏବଂ ସୁରକ୍ଷା ପାଇଁ ପ୍ରତିରକ୍ଷା କର୍ମଚାରୀଙ୍କ ପ୍ରତିବଦ୍ଧତାକୁ ସମ୍ମାନ ପ୍ରଦର୍ଶନ ଲକ୍ଷ୍ୟ ନେଇ ସଶସ୍ତ୍ରବାହିନୀ ପତାକା ଦିବସ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ଏହି ଦିବସ ଅବସରରେ ସଶସ୍ତ୍ରବାହିନୀ ପତାକା ଦିବସ ପାଣ୍ଠିକୁ ଅର୍ଥରାଶି ପ୍ରଦାନ ମାଧ୍ୟମରେ ଦେଶବାସୀ କୃତଜ୍ଞତା ଜ୍ଞାପନ କରିଥାନ୍ତି । କେନ୍ଦ୍ରୀୟ ସୈନିକ ବୋର୍ଡ ଏବଂ ରାଜ୍ୟ ସୈନିକ ବୋର୍ଡ ଦ୍ୱାରା ସେନାବାହିନୀର କର୍ମଚାରୀଙ୍କ ପାଇଁ ଗ୍ରହଣ କରାଯାଉଥିବା

କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡ଼ିକ କ୍ଷେତ୍ରରେ ଏହି ପାଣ୍ଠିକୁ ବିନିଯୋଗ କରାଯାଇଥାଏ । ୧୯୪୯ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି ।

**ଉପରାଷ୍ଟ୍ରପତି** ସି.ପି. ରାଧାକ୍ରିଷ୍ଣନ୍ ସଶସ୍ତ୍ରବାହିନୀ ପତାକା ଦିବସର ଶୁଭେଚ୍ଛା ଜଣାଇଛନ୍ତି। ସଶସ୍ତ୍ରବାହିନୀ ପାଣ୍ଠିକୁ ସ୍ୱେଚ୍ଛାକୃତ ଭାବେ ଦାନ କରି ଦେଶର ବୀର ସୈନିକ, ସହିଦ ଏବଂ ସେମାନଙ୍କ ପରିବାର ପ୍ରତି କୃତଜ୍ଞତା ପ୍ରକାଶ କରିବାକୁ ଉପରାଷ୍ଟ୍ରପତି ନିବେଦନ କରିଛନ୍ତି। ଏହି ଅବସରରେ ଶ୍ରୀ ରାଧାକ୍ରିଷ୍ଣନ ତାଙ୍କର ଏକମାସର ଦରମା ସଶସ୍ତ୍ରବାହିନୀ ପାଣ୍ଠିକୁ ଦାନ କରିଛନ୍ତି। **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଏହି ଦିବସରେ ଶୁଭେଚ୍ଛା ଜଣାଇଛନ୍ତି। ବୀରତ୍ୱର ସହ ଦେଶକୁ ସୁରକ୍ଷା ପ୍ରଦାନ କରୁଥିବା ଯବାନ୍‌ଙ୍କ ପ୍ରତି ଶ୍ରୀ ମୋଦୀ କୃତଜ୍ଞତା ଜ୍ଞାପନ କରିଛନ୍ତି। ଶ୍ରୀ ମୋଦୀ ସମସ୍ତ ନାଗରିକଙ୍କୁ ସଶସ୍ତ୍ରବାହିନୀ ପତାକା ଦିବସ ପାଣ୍ଠିକୁ ଦାନ କରିବାକୁ ଉତ୍ସାହିତ କରିଛନ୍ତି।

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି କାର୍ଯ୍ୟରତ ଓ ଅବସରପ୍ରାପ୍ତ ଯବାନ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି, ଦେଶର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଅକ୍ଷୁର୍ଣ୍ଣ ରଖିବା ପାଇଁ ବୀର ସୈନିକମାନଙ୍କର ବଳିଦାନ ଓ ତ୍ୟାଗ ଅବସ୍ମରଣୀୟ। ଅପରେସନ୍ ସିନ୍ଦୂର ସେମାନଙ୍କର ସାହସ ଓ ପ୍ରତିବଦ୍ଧତାର ପ୍ରମାଣ। ଯବାନମାନେ କେବଳ ଦେଶକୁ ବାହ୍ୟ ଶତ୍ରୁ କବଳରୁ ରକ୍ଷା କରନ୍ତି ନାହିଁ, ବରଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ

ରୋକିବା ପାଇଁ ମଧ୍ୟ ଅମୂଲ୍ୟ ସେବା ପ୍ରଦାନ କରନ୍ତି। ଏହି ଅବସରରେ ସମସ୍ତ ସେନାନୀଙ୍କୁ ଶୁଭେଚ୍ଛା ଜଣାଇ ସଶସ୍ତ୍ର ସେନା ପତାକା ଦିବସ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରିବା ଲାଗି ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି । ଉପମୁଖ୍ୟମନ୍ତ୍ରୀ **ପ୍ରଭାତୀ ପରିଡା** ବୀର ଯବାନମାନଙ୍କ ସାହସ, ଶୌର୍ଯ୍ୟ ଓ ବଳିଦାନକୁ ସମ୍ମାନ ଜଣାଇଛନ୍ତି।

## ବନ୍ଦେ ମାତରଂ ଡିସ୍‌କସନ

ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ଆସନ୍ତାକାଲି ଲୋକସଭାରେ ସ୍ୱତନ୍ତ୍ର ଆଲୋଚନା କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଦନରେ ଆଲୋଚନା ଆରମ୍ଭ କରିବେ ବୋଲି ଜଣାପଡିଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ଗତ ସପ୍ତାହର ପ୍ରାରମ୍ଭରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ ମଧ୍ୟାହ୍ନ ୧୨ଟାରେ ଆଲୋଚନା ଆରମ୍ଭ ହେବ । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଆସନ୍ତା ମଙ୍ଗଳବାର ଲୋକସଭାରେ ନିର୍ବାଚନୀ ସଂସ୍କାର ଉପରେ ଆଲୋଚନା କରାଯିବ ବୋଲି ଶ୍ରୀ ରିଜିଜୁ ଗଣମାଧ୍ୟମକୁ କହିଥିଲେ ।

## ଶକ୍ତି ନେତୃତ୍ୱ ସମ୍ମିଳନୀ

**ପୁରୀ**ଠାରେ ଆୟୋଜିତ ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ-୨୦୨୫ର ଦ୍ୱିତୀୟ ଦିବସରେ ଆଜି 'ସହଭାଗିତା' ବିଷୟବସ୍ତୁ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଶକ୍ତି ପରିବର୍ତ୍ତନରେ ସ୍ଥାୟୀତ୍ୱ, ସନ୍ତୁଳନ ଏବଂ ନବ ଉଦ୍ଭାବନ ଉପରେ ଅଧିବେଶନରେ ଆଲୋଚନା କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ ସ୍ଥାୟୀ ଶକ୍ତି ପରିବର୍ତ୍ତନରେ ସରକାରୀ ଏବଂ ବେସରକାରୀ ସଂସ୍ଥାର ସହଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ଥାୟୀ, ଅଣଜୀବାଶ୍ମ ଆଧାରିତ ଶକ୍ତି ଭବିଷ୍ୟତ ହାସଲ କରିବା ଏବଂ ସ୍ଥିର ବଣ୍ଟନ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ସରକାରୀ ଏବଂ ବେସରକାରୀ ନିବେଶ ଓ ଶକ୍ତି ଭିତ୍ତିଭୂମି ପ୍ରତି ଏକ ସନ୍ତୁଳିତ ଆଭିମୁଖ୍ୟ ଅତ୍ୟନ୍ତ ଜରୁରୀ ବୋଲି ଅଧିବେଶନରେ ମତ ପ୍ରକାଶ ପାଇଥିଲା। ଶକ୍ତିବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ଯୋଗଦେଇ ଓଡ଼ିଶାର ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥା ପ୍ରଭାବଶାଳୀ ଶକ୍ତି ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ।

## ଓଏସ୍ଏସ୍‌ଟିଇଟି

ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଏସ୍ଏସ୍‌ଟିଇଟି ଆସନ୍ତା ଜାନୁୟାରୀ ୨୦ ତାରିଖରେ ଅନୁଷ୍ଠିତ ହେବ। ଗତକାଲିଠାରୁ ଆରମ୍ଭ ହୋଇଥିବା ଆବେଦନ ପ୍ରକ୍ରିୟା ଚଳିତମାସ ୧୭ ତାରିଖ ଯାଏଁ ଚାଲିବ।

ଆଶାୟୀମାନେ ବୋର୍ଡ ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍‌ରେ ଫର୍ମ ପୂରଣ କରିବେ। ଜାନୁୟାରୀ ୧୦ ତାରିଖରେ ବୋର୍ଡ ପକ୍ଷରୁ ଆବେଦନକାରୀଙ୍କୁ ଆଡମିଟ୍‌କାର୍ଡ ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି।

## ନୂଆପଡା ଗସ୍ତ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଦିନିକିଆ ନୂଆପଡା ଗସ୍ତରେ ଯାଇ ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି। ଏହା ସହ ବ୍ଲକ୍‌ର ଡର୍ଲିମୁଣ୍ଡା ମଣ୍ଡିର ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର ଅପରାହ୍ଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକରେ ଯୋଗଦେବେ ବୋଲି ଜଣାପଡିଛି।

## ପ୍ରଶିକ୍ଷଣ ଶିବିର

**ଭଦ୍ରକ** ଜିଲ୍ଲା ଯୁବ ରେଡକ୍ରସ୍ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଧାମନଗର ମହାବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ୍‌ର ୧୪୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ସମେତ ବହୁ ଅଧ୍ୟାପକ-ଅଧ୍ୟାପିକା ଯୋଗ ଦେଇଥିଲେ। ଆସନ୍ତାକାଲି ଉଦ୍‌ଯାପିତ ହେବାକୁ ଥିବା ଏହି ଉତ୍ସବରେ ଜିଲ୍ଲା ପ୍ରଶାସନ ଅଧିକାରୀ ଯୋଗଦେଇ ରେଡକ୍ରସ୍‌ର ଭୂମିକା ଓ ଆଭିମୁଖ୍ୟ ଉପରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

## ସାଂସଦ ଖେଳ ମହୋତ୍ସବ

**ଭଦ୍ରକ** ଜିଲ୍ଲା ବାସୁଦେବପୁର ବ୍ଲକ୍ ଅଟଳ ବିହାରୀ ହାଇସ୍କୁଲଠାରେ ସାଂସଦ ଖେଳ ମହୋତ୍ସବ ଆରମ୍ଭ ହୋଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କ୍ରୀଡା ପ୍ରତିଯୋଗିତାରେ ୨୪୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି।

## ସ୍ୱତନ୍ତ୍ର ଟ୍ରେନ୍

ଏକ ଘରୋଇ ବିମାନ କମ୍ପାନୀର ଅନେକ ବିମାନ ସେବା ବାତିଲ ହେବା ପରେ ଯାତ୍ରୀମାନେ ବିଭିନ୍ନ ସମସ୍ୟାର ସାମ୍ନା କରୁଛନ୍ତି। ଏଭଳି ସ୍ଥିତିକୁ ନଜରରେ ରଖି ରେଳବାଇ ପକ୍ଷରୁ ୮୯ଟି ସ୍ୱତନ୍ତ୍ର ଟ୍ରେନ୍ ଗତକାଲିଠାରୁ ଚଳାଚଳ ଆରମ୍ଭ କରିଛି। ଆଗାମୀ ୩ ଦିନ ଧରି ଏହି ଟ୍ରେନ୍‌ଗୁଡ଼ିକ ଚଳାଚଳ କରିବ। ମୁମ୍ବାଇ, ପୁନେ, ହାଓ୍ୱଡା, ହାଇଦ୍ରାବାଦ ଭଳି ପ୍ରମୁଖ ସହରଗୁଡ଼ିକରୁ ଯାତ୍ରୀ ପରିବହନ ସୁଗମ ହେବ ବୋଲି ଆଶା କରାଯାଉଛି। ବିମାନ ବାତିଲ ହେବା ପରେ ଲୋକମାନେ ଟ୍ରେନ୍ ଉପରେ ନିର୍ଭର କରୁଛନ୍ତି। ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ନଜରରେ ରଖି ରେଳବାଇ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

# ଉମିଦ୍ ପୋର୍ଟାଲ କ୍ଲୋଜ୍‌ଡ

ସଂଯୁକ୍ତ ଓ୍ୱାକଅଫ୍ ପରିଚାଳନା, ସଶକ୍ତୀକରଣ, ଦକ୍ଷତା ଏବଂ ବିକାଶ ଆଇନ୍ ୧୯୯୫ - **ଉମିଦ୍** ପୋର୍ଟାଲରେ ଓ୍ୱାକ୍‌ଅଫ୍ ସମ୍ପତ୍ତି ସମ୍ପର୍କିତ ତଥ୍ୟ ଅପ୍‌ଲୋଡ

କରିବା ପ୍ରକ୍ରିୟା ଗତକାଲି ଆନୁଷ୍ଠାନିକ ଭାବେ ବନ୍ଦ ହୋଇଇଛି । ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି **ଉମିଦ୍** ଆଇନ୍ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ପୋର୍ଟାଲର ୬ମାସ ସମୟସୀମା ଶେଷ ହୋଇଛି । ୫ଲକ୍ଷରୁ ଅଧିକ ଓ୍ୱାକ୍ଅଫ୍ ସମ୍ପତ୍ତି ସଂକ୍ରାନ୍ତ ଖର୍ଚ୍ଚ ପୋର୍ଟାଲରେ ଅପ୍‌ଲୋଡ ହୋଇଥିବାବେଳେ ୨ଲକ୍ଷରୁ ଅଧିକ ସମ୍ପତ୍ତିକୁ ମନୋନୀତ ଅନୁମୋଦନକାରୀ ମଞ୍ଜୁରୀ ପ୍ରଦାନ କରିଛନ୍ତି । ମନ୍ତ୍ରଣାଳୟ କହିଛି, ଯାଞ୍ଚ ପରେ ୧୦ହଜାର ୮୬୯ ସମ୍ପତ୍ତିକୁ ପ୍ରତ୍ୟାଖାନ କରାଯାଇଥିବାବେଳେ ୨ଲକ୍ଷ ୧୩ ହଜାରରୁ ଅଧିକ ସମ୍ପତ୍ତି ପ୍ରସ୍ତୁତ କର୍ତ୍ତାଙ୍କ ଦ୍ୱାରା ଦାଖଲ ହୋଇଛି ।  ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଓ୍ୱାକ୍ଅଫ୍ ବୋର୍ଡ ଏବଂ ସଂଖ୍ୟାଲଘୁ ବିକାଶ ସହିତ ନିରନ୍ତର ସମନ୍ୱୟ ମାଧ୍ୟମରେ ଏହି ବୃହତ୍ ଜାତୀୟ କାର୍ଯ୍ୟକୁ କାର୍ଯ୍ୟକାରୀ କରାଯାଇଛି । କର୍ମଶାଳା ଏବଂ ତାଲିମ ଅଧିବେଶନ ଆୟୋଜନ କରାଯାଇଥିଲା ।

# ବାରବାଟୀ ମ୍ୟାଚ୍

**କଟକ** ବାରବାଟୀ ଷ୍ଟାଡିୟମ୍‌ରେ ଭାରତ-ଦକ୍ଷିଣ ଆଫ୍ରିକା  ଟି-୨୦ କ୍ରିକେଟ୍ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଆସନ୍ତା ୯ ତାରିଖରେ ଖେଳାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମ୍ୟାଚ୍‌କୁ ଶାନ୍ତି ଶୃଙ୍ଖଳାର ସହ

ଆୟୋଜନ ପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ  ତ୍ରି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି ।

ଭାରତ ଓ ଦକ୍ଷିଣ ଆଫ୍ରିକାର କିଛି ଖେଳାଳି ଭୁବନେଶ୍ୱରରେ ପହଞ୍ଚିସାରିଥିବାବେଳେ ଅନ୍ୟ ଖେଳାଳିମାନେ ଅପରାହ୍ଣ ସୁଦ୍ଧା ପହଞ୍ଚିବେ ବୋଲି ଜଣାପଡିଛି ।